# NATIONAL NEWS BULLETIN (ODIA)
## 9 November - 2025
## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ଉତ୍ତରାଖଣ୍ଡର ରୌପ୍ୟ ଜୟନ୍ତୀ ଅବସରରେ ୮ ହଜାର ୧୪୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ପ୍ରଧାନମନ୍ତ୍ରୀ ।
- ବିହାରର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ଶେଷ ହେଲା ପ୍ରଚାର ।

– ଆସନ୍ତା ମଙ୍ଗଳବାର ୨୦ଟି ଜିଲ୍ଲାର ୧୨୨ଟି ଆସନ ଲାଗି ହେବ ମତଗ୍ରହଣ ।

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଙ୍ଗୋଲା ଗସ୍ତ ଅବସରରେ ଉଭୟ ଦେଶ ମଧ୍ୟରେ  ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ।

ଏବଂ

- ଅଷ୍ଟ୍ରେଲିଆରେ ଜନ୍ମିତ ଫରୱାର୍ଡ୍ ଖେଳାଳି ରିୟାନ୍ ୱିଲିୟମ୍ସ ଭାରତୀୟ ଫୁଟବଲ୍ ଦଳରେ ସାମିଲ ।

# ପିଏମ୍-ଉତ୍ତରାଖଣ୍ଡ

ଉତ୍ତରାଖଣ୍ଡ ଆଜି ଏହାର ରାଜ୍ୟ ପ୍ରତିଷ୍ଠା ଦିବସ ପାଳନ କରୁଛି । ରାଜ୍ୟର ରୌପ୍ୟ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡେରାଡୁନ୍‌ର ଜଙ୍ଗଲ ଗବେଷଣା ପ୍ରତିଷ୍ଠାନର ଆୟୋଜିତ କାର୍ଯ୍ୟକ୍ରମରେ ୮ ହଜାର ୧୪୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପ ଗୁଡ଼ିକ ପାନୀୟ ଜଳ, ଜଳସେଚନ, ବୈଷୟିକ ଶିକ୍ଷା, ଶକ୍ତି, ସହରାଞ୍ଚଳ ବିକାଶ, କ୍ରୀଡ଼ା ଏବଂ ଦକ୍ଷତା ବିକାଶ ସମେତ ଅନେକ ପ୍ରମୁଖ କ୍ଷେତ୍ର ସହିତ ଜଡ଼ିତ ।

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଶ୍ରୀ ମୋଦୀ ୨୮ ହଜାରରୁ ଅଧିକ ଚାଷୀଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ୬୨ କୋଟିରୁ ଅଧିକ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକ ସ୍ମାରକୀ ଡାକ ଟିକଟ ମଧ୍ୟ ଉନ୍ମୋଚନ କରିଛନ୍ତି । ଜନସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ରାଜ୍ୟର ରୌପ୍ୟ ଜୟନ୍ତୀ ପାଇଁ ଉତ୍ତରାଖଣ୍ଡର ଲୋକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ସେ କହିଛନ୍ତି, ଗତ ୨୫ ବର୍ଷ ମଧ୍ୟରେ ଉତ୍ତରାଖଣ୍ଡ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛି ।

**V/O-2--PM--CONNECTIVITY**

ଡବଲ୍ ଇଞ୍ଜିନ୍ ସରକାର ଉତ୍ତରାଖଣ୍ଡକୁ ବିକାଶର ନୂତନ ଶିଖରରେ ପହଞ୍ଚାଇବା ପାଇଁ ନିରନ୍ତର କାର୍ଯ୍ୟ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ଉତ୍ତରାଖଣ୍ଡର ସ୍ଥାନୀୟ ଉତ୍ପାଦ ଭୋକାଲ୍ ଫର୍ ଲୋକାଲ୍ ଅଭିଯାନ ସହିତ ସମନ୍ୱୟ ରକ୍ଷା କରୁଛି । ରାଜ୍ୟର ୧୫ଟି କୃଷି ଉତ୍ପାଦକୁ ଜି.ଆଇ. ଟ୍ୟାଗ୍ ମିଳିଛି । ଚଳଚ୍ଚିତ୍ର ଏବଂ ବିବାହ ଗନ୍ତବ୍ୟ ସ୍ଥଳ ଭାବେ ରାଜ୍ୟର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ କହିଛନ୍ତି, ଉତ୍ତରାଖଣ୍ଡର ନୂତନ ଚଳଚ୍ଚିତ୍ର ନୀତି ରାଜ୍ୟରେ ଚଳଚ୍ଚିତ୍ର ସୁଟିଂକୁ ସହଜ କରିଛି ଏବଂ ଦ୍ରୁତ ଗତିରେ ଉତ୍ତରାଖଣ୍ଡ ବିବାହ ଗନ୍ତବ୍ୟ ସ୍ଥଳ ଭାବେ ଉଭା ହେଉଛି ।

୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ବିକଶିତ ଉତ୍ତରାଖଣ୍ଡ ଦୃଷ୍ଟିକୋଣ ଅନୁସରଣ କରି ଉତ୍ତରାଖଣ୍ଡ ଏକ ସମୃଦ୍ଧ ଏବଂ ଆତ୍ମନିର୍ଭରଶୀଳ ରାଜ୍ୟ ହେବା ଦିଗରେ ଆଗକୁ ବଢୁଛି ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି କହିଛନ୍ତି ।

# ପିଏମ୍-ରେଲିକ୍ସ

ଭାରତରୁ ଯାଇଥିବା ଭଗବାନ ବୁଦ୍ଧଙ୍କ ପବିତ୍ର ମୂର୍ତ୍ତିକୁ ଦିଆଯାଇଥିବା ଶ୍ରଦ୍ଧାପୂର୍ଣ୍ଣ ସ୍ୱାଗତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁଟାନ୍‌ର ଜନସାଧାରଣ ଏବଂ ନେତୃତ୍ୱଙ୍କୁ କୃତଜ୍ଞତା ପ୍ରକାଶ କରିଛନ୍ତି । ସାମାଜିକ

ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଏହି ମୂର୍ତ୍ତିଗୁଡ଼ିକ ଶାନ୍ତି, କରୁଣା ଏବଂ ସଦ୍‌ଭାବର କାଳଜୟୀ ବାର୍ତ୍ତାର ପ୍ରତୀକ । ଭଗବାନଙ୍କ ବୁଦ୍ଧଙ୍କ ଶିକ୍ଷା ଭାରତ ଏବଂ ଭୁଟାନ୍‌ର ସହଭାଗି ଆଧ୍ୟାତ୍ମିକ ଐତିହ୍ୟ ମଧ୍ୟରେ ଏକ ପବିତ୍ର ସଂଯୋଗ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ବିହାର-କ୍ୟାମ୍ପେନିଂ

ବିହାରର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଆଜି ସନ୍ଧ୍ୟାରେ ଶେଷ ହୋଇଛି । ଆଜି ପ୍ରଚାରର ଶେଷ ପର୍ଯ୍ୟାୟରେ ବିଭିନ୍ନ ରାଜନୈତିକ ଦଳର ନେତା ତଥା ପ୍ରାର୍ଥୀଙ୍କ ପକ୍ଷରୁ ଭୋଟରମାନଙ୍କୁ ଆକୃଷ୍ଟ କରିବା ଲାଗି ନିର୍ବାଚନ ସମାବେଶ ଏବଂ ର୍‍ୟାଲିର ଆୟୋଜନ କରାଯାଇଥିଲା । ରାଜନୈତିକ ଦଳର ଗୁଡ଼ିକର ବହୁ ଷ୍ଟାର୍ ପ୍ରଚାରକ ନିଜ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ସମାବେଶକୁ ସମ୍ବୋଧନ କରିଥିଲେ ।

ବିଜେପିର ଷ୍ଟାର୍ ପ୍ରଚାରକମାନଙ୍କ ମଧ୍ୟରେ ବରିଷ୍ଠ ନେତା ଏବଂ କେନ୍ଦ୍ର ମନ୍ତ୍ରୀ ଅମିତ ଶାହା, ରାଜନାଥ ସିଂହ, ଶିବରାଜ ସିଂହ ଚୌହାନ ନିର୍ବାଚନୀ ସଭାକୁ ସମ୍ବୋଧନ କରିଥିଲେ ।

ମହାଗଠନବନ୍ଧନ ପ୍ରାର୍ଥୀଙ୍କ ପାଇଁ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧି କିଶନ୍‌ଗଞ୍ଜ ଏବଂ ପୁର୍ଣ୍ଣିଆରେ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ ।

କୈମୁରରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ଜନତା ଦଳ ୟୁନାଇଟେଡ୍ ସଭାପତି ମୁଖ୍ୟମନ୍ତ୍ରୀ ନୀତିଶ କୁମାର କହିଛନ୍ତି, ତାଙ୍କ କାର୍ଯ୍ୟକାଳ ମଧ୍ୟରେ ରାଜ୍ୟରେ ବିଦ୍ୟୁତ୍ ଯୋଗାଣ ସ୍ଥିତିରେ ଉନ୍ନତି ଆସିଛି । ଲୋକମାନେ ୧୨୫ ୟୁନିଟ୍ ମାଗଣା ବିଜୁଳି ପାଉଛନ୍ତି । ଏନ୍.ଡି.ଏ. ସରକାର ପୁନଃ ନିର୍ବାଚିତ ହେଲେ ବିକାଶ କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ବରିଷ୍ଠ ବିଜେପି ନେତା ଏବଂ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆରାରିଆ ସିକ୍ଟିରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ଏନ୍.ଡି.ଏ. ଗରିବ କଲ୍ୟାଣ ସହିତ ବିକାଶ ଏବଂ ଐତିହ୍ୟ ଉପରେ କାର୍ଯ୍ୟ କରେ ବୋଲି କହିଛନ୍ତି ।

ଅନ୍ୟ ପକ୍ଷରେ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ କୈମୁର୍‌ରେ ଏକ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧିତ କରିଥିଲେ । ଜନସ୍ୱରାଜ ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର ମଧ୍ୟ ପୂର୍ବ  ଚମ୍ପାରନ୍ ଜିଲ୍ଲାର କୈଲ୍ୟାଣପୁରରେ ଏକ ରୋଡ୍ ଶୋ’ କରିଥିଲେ ।

ଏହି ପର୍ଯ୍ୟାୟରେ ଆସନ୍ତା ମଙ୍ଗଳବାର ଦିନ ୨୦ଟି ଜିଲ୍ଲାର ୧୨୨ଟି ଆସନ ଲାଗି ମତଗ୍ରହଣ କରାଯିବ । ଗତ ୬ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୧୮ଟି ଜିଲ୍ଲାର ୧୨୧ଟି ଆସନରେ ମତଗ୍ରହଣ ହୋଇଥିଲା । ଆସନ୍ତା ୧୪ ତାରିଖରେ ଭୋଟ୍ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ ।

## ପ୍ରେସିଡେଣ୍ଟ-ଆଙ୍ଗୋଲା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୁଆଣ୍ଡାରେ ତାଙ୍କ ଆଙ୍ଗୋଲା ପ୍ରତିପକ୍ଷ ଜୋଆଓ ଲୁରେନ୍ସକୋଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଭାରତ ଏବଂ ଆଙ୍ଗୋଲା ମଧ୍ୟରେ ବହୁମୁଖୀ ସହଭାଗିତାକୁ ସୁଦୃଢ଼ କରିବା ନେଇ ଦୁଇ ନେତା ବ୍ୟାପକ ଆଲୋଚନା କରିଥିଲେ । ଉଭୟ ରାଷ୍ଟ୍ରର ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ କ୍ଷେତ୍ରର ସହଯୋଗ ବିସ୍ତାର କରିବା ଉପରେ ରାଷ୍ଟ୍ରପତି ମୁର୍ମୁ ଗୁରୁତ୍ୱାରୋପ କରିଥିଲେ । ସେ କୃଷି- ବିଶେଷ କରି ବିହନ ଏବଂ ସାର, ତୈଳ ଅନୁସନ୍ଧାନ ଏବଂ ବିଶୋଧନ, ସଂଯୋଗ ଏବଂ ପରିବହନ ଭିତ୍ତିଭୂମି, ବିରଳ ଖଣିଜ ପଦାର୍ଥ ଏବଂ ହୀରା ପ୍ରକ୍ରିୟାକରଣ ଭଳି କ୍ଷେତ୍ରରେ ସମ୍ଭାବ୍ୟ ସହଯୋଗ ଉପରେ ମଧ୍ୟ ଆଲୋକପାତ କରିଥିଲେ । କ୍ଷମତା ନିର୍ମାଣ ଏବଂ ତାଲିମ୍, ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, ପ୍ରତିରକ୍ଷା ସହଯୋଗ ଏବଂ ମିଳିତ ଜାତିସଂଘ ସୁରକ୍ଷା ପରିଷଦ

(ୟୁ.ଏନ୍.ଏସ୍.ସି.)ର ସଂସ୍କାର ଉପରେ ମଧ୍ୟ ଉଭୟ ନେତା ଆଲୋଚନା କରିଥିଲେ । ସ୍ଥାୟୀ ବିକାଶ ପ୍ରତି ଆଙ୍ଗୋଲାର ପ୍ରତିବଦ୍ଧତାକୁ ପ୍ରଶଂସା କରି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଭାରତ ନେତୃତ୍ୱରେ ଦୁଇଟି ପ୍ରମୁଖ ବୈଶ୍ୱିକ ଜୈବ ଇନ୍ଧନ ମେଣ୍ଟ ଏବଂ ଆନ୍ତର୍ଜାତିକ ବିଗ୍‌କ୍ୟାଟ୍ ମେଣ୍ଟରେ ଯୋଗଦାନ କରିଥିବାରୁ ସେ ଅଭିନନ୍ଦନ ଜଣାଇଛନ୍ତି ।

ରାଷ୍ଟ୍ରପତି ତାଙ୍କ ପ୍ରେସ୍ ବିବୃତ୍ତିରେ କହିଛନ୍ତି, ଆଙ୍ଗୋଲାର ସ୍ୱାଧୀନତାର ୫୦ତମ ବାର୍ଷିକୀ ଅବସରରେ ଲୁଆଣ୍ଡାରେ ଉପସ୍ଥିତ ହୋଇ ସେ ଖୁସି ଅନୁଭବ କରୁଛନ୍ତି । ଆଙ୍ଗୋଲାର ୫୦ତମ ସ୍ୱାଧୀନତା ବାର୍ଷିକୀ ଏବଂ ଆଙ୍ଗୋଲାର ଆଫ୍ରିକୀୟ ସଂଘର ଅଧ୍ୟକ୍ଷତା ପାଇଁ ୧୪୦ କୋଟି ଭାରତୀୟଙ୍କ ତରଫରୁ ରାଷ୍ଟ୍ରପତି ଆଙ୍ଗୋଲାକୁ ଶୁଭେଚ୍ଛା ଜଣାଇଛନ୍ତି ।

ଉଭୟ ଦେଶ ମଧ୍ୟରେ ମତ୍ସ୍ୟ ଚାଷ, ଜଳ କୃଷି, ସାମୁଦ୍ରିକ ସମ୍ପଦ ଏବଂ ଦୁତାବାସ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ବିମାନ ସେବା ଚୁକ୍ତିନାମାକୁ ଆଗକୁ ବଢ଼ାଇବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି ।

## V/O-1-PRESIDENT-ON-FISHERIES

ପୂର୍ବରୁ ଆଙ୍ଗୋଲାରେ ପହଞ୍ଚିବା ପରେ ଲୁଆଣ୍ଡାର ରାଷ୍ଟ୍ରପତି ଭବନରେ ଶ୍ରୀମତୀ ମୁର୍ମୁଙ୍କୁ ଗାର୍ଡ୍ ଅଫ୍ ଅନର ପ୍ରଦାନ କରାଯାଇଥିଲା ।

# ଭିପି-କର୍ଣ୍ଣାଟକ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନଙ୍କୁ ହାର୍ ନ ମାନି ସମର୍ପଣଭାବ ସହ କଠିନ ପରିଶ୍ରମ କରିବାକୁ ଆହ୍ୱାନ ଦେଇଛନ୍ତି । ଆଜି ମହିଶୁରର ଜେ.ଏସ୍.ଏସ୍. ଏକାଡେମୀ ଅଫ୍ ହାୟର୍ ଏଜୁକେସନ୍‌ର ସ୍ନାତକୋତ୍ତର ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ସେ ଏହା କହିଛନ୍ତି । ଉପରାଷ୍ଟ୍ରପତି ଶ୍ରୀମଦ୍ ଭଗବତ୍ ଗୀତାକୁ ଉର୍ଦ୍ଧୃତ କରି କହିଛନ୍ତି, ପୁରସ୍କାର ବିଷୟରେ ଚିନ୍ତା ନ କରି କାର୍ଯ୍ୟ କରିବା ଆମର କର୍ତ୍ତବ୍ୟ । ଛାତ୍ରଛାତ୍ରୀମାନଙ୍କୁ କଲେଜ୍‌ରେ ଆହରଣ କରୁଥିବା ଜ୍ଞାନକୁ ବ୍ୟବହାର କରିବା ସହ ସେମାନଙ୍କର ଲକ୍ଷ୍ୟ ଉପରେ ଧାନ୍ୟ କେନ୍ଦ୍ରୀତ କରିବାକୁ ଶ୍ରୀ ରାଧାକ୍ରିଷ୍ଣନ୍ ପରାମର୍ଶ ଦେଇଛନ୍ତି । ସଫଳତା କିମ୍ବା ବିଫଳତା ବିଷୟରେ ଚିନ୍ତା ନ କରି ସମର୍ପଣ ଭାବ ସହ ଖୁସି ମନରେ ଭଲ ପ୍ରଦର୍ଶନ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉପରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି । ସ୍ୱାମୀ ବିବେକାନନ୍ଦଙ୍କ 'ଆହ୍ୱାନ ଜାଗ୍ରତ ରୁହ, ଉଠ ଏବଂ ଲକ୍ଷ୍ୟ ହାସଲ ନ ହେବା ପର୍ଯ୍ୟନ୍ତ ଅଟକି ଯାଅ ନାହିଁ'କୁ ଉର୍ଦ୍ଧୃତ କରି ଶ୍ରୀ ରାଧାକ୍ରିଷ୍ଣନ୍ ଯୁବ ସ୍ନାତକମାନଙ୍କୁ ଅନ୍ୟମାନଙ୍କଠାରୁ ଭଲ ଜିନିଷ ଆହରଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଛାତ୍ରଛାତ୍ରୀମାନଙ୍କୁ ମୋବାଇଲ୍ ଠାରୁ ଦୂରେଇ ରହିବା ଏବଂ ଗୁରୁଜନ, ପିତାମାତା ଓ ଶିକ୍ଷକଙ୍କୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ ଉପରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି ।

# ଇଣ୍ଡିଆନ୍-ଫୁଟବଲ୍

ଅଷ୍ଟ୍ରେଲିଆରେ ଜନ୍ମିତ ଫରୱାର୍ଡ଼ ଖେଳାଳି ରିୟାନ୍ ୱିଲିମ୍ସ ବେଙ୍ଗାଲୁରୁରେ ଭାରତୀୟ ଜାତୀୟ ଫୁଟବଲ୍ ଦଳର ଶିବିରରେ ଆନୁଷ୍ଠାନିକ ଭାବେ ଯୋଗଦେଇଛନ୍ତି । ଅଖିଳ ଭାରତୀୟ ଫୁଟବଲ୍ ମହାସଂଘ ଏ.ଆଇ.ଏଫ୍.ଏଫ୍. ଏହା ନିଶ୍ଚିତ କରିଛି । ସେ ଡିଫେଣ୍ଡର ଜୟ ଗୁପ୍ତାଙ୍କ ସହ ଶିବିରରେ ପହଞ୍ଚିଥିଲେ । ପର୍ଥରେ ଜନ୍ମିତ ୩୨ ବର୍ଷୀୟ ଫରୱାର୍ଡ୍ ଖେଳାଳି ରିୟାନ୍ ଭାରତୀୟ ନାଗରୀକ ହେବା ପାଇଁ ତାଙ୍କର ଅଷ୍ଟ୍ରେଲିୟ ପାସ୍‌ପୋର୍ଟ୍ ତ୍ୟାଗ କରିଛନ୍ତି । ୱିଲିୟମ୍ସଙ୍କ ନାଗରୀକତା ହସ୍ତାନ୍ତର ଉତ୍ସବ ବେଙ୍ଗାଲୁରୁ ଏଫ୍.ସି. ତାଲିମ୍ ଶିବିରରେ ଅନୁଷ୍ଠିତ ହୋଇଥିଲା । ଭାରତୀୟ ଫୁଟବଲ୍ ଜଗତର ମହାନ ଖେଳାଳି ସୁନୀଲ ଛେତ୍ରୀ ତାଙ୍କୁ ତାଙ୍କର ଭାରତୀୟ ଦସ୍ତାବିଜ୍ ପ୍ରଦାନ କରିଥିଲେ । ୱିଲୟିମ୍ସଙ୍କ ସାମିଲ ଭାରତୀୟ ଫୁଟବଲ୍ ପାଇଁ ଏକ ସମ୍ଭାବ୍ୟ ପରିବର୍ତ୍ତନକାରୀ ମୁହୂର୍ତ୍ତ । ନଭେମ୍ବର ୧୮ ତାରିଖରେ ଢାକାରେ ବାଂଲାଦେଶ ବିପକ୍ଷରେ ଭାରତର ଏ.ଏଫ୍.ସି. ଏସିଆନ୍ କପ୍ ଯୋଗ୍ୟତା ପୂର୍ବରୁ ଏ.ଆଇ.ଏଫ୍.ଏଫ୍. ଦୁଇ ଜଣ ବିଦେଶୀ ଖେଳାଳି ୱିଲିୟମ୍ସ ଏବଂ ଅବନୀତ ଭାରତୀଙ୍କୁ ଜାତୀୟ ଶିବିରକୁ ନିମନ୍ତ୍ରଣ କରିଛି ।